# ବିନା ସୂଚନା ଫଳକରେ ରାସ୍ତା କାମ

କେସିଙ୍ଗା,୨୬ ।୨(ସମିସ)



ରକାରୀ କାମରେ ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ଠିକାଦାର କାମ କରୁଛନ୍ତି। କାମ ଆରମ୍ଭ ହୋଇ ମସେ ହେଲାଣି ହେଲେ ସୂଚନା ଫଳକ ଲାଗି ନାହିଁ। ସରକାରୀ ନିୟମ ଅନୁଯାୟୀ କାମ ଆରମ୍ଭ ପୂର୍ବରୁ ସୂଚନା ଫଳକ ଲଗାଯିବାର ନିୟମ ରହିଛି। ଯାହା ଦ୍ୱାରା ଅଞ୍ଚଳବାସୀ କାମ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଜାଣିପାରିବେ ଓ କାମରେ ସ୍ୱଚ୍ଛତା ଆସିବ। ହେଲେ କାମ ଆରମ୍ଭର ମାସେ ବିତି ଯାଇଥିଲେ ବି ସୂଚନା ଫଳକ ନ ଲାଗିବା ଓ କିଛି ସାମ୍ବାଦିକଙ୍କ ହସ୍ତକ୍ଷେପ ପରେ ବିଭାଗୀୟ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ସୂଚନା ଫଳକ ତିଆରି ହୋଇଛି। ହେଲେ ତାହା ଉପରେ କୌଣସି ସୂଚନା ନାହିଁ।ଏଭଳି ସରକାରୀ କାମ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ କନ୍ତେଶିର ପଞ୍ଚାୟତର ତହଂଶିର ଯୋଜନା ର ଏକ କେନାଲ ରାସ୍ତା ତିଆରିରେ ଦେଖିବାକୁ ମିଳିଛି। କାମରେ ସ୍ୱଚ୍ଛତା ରଖୁନାହାନ୍ତି ଠିକାଦାର। ବିଭାଗୀୟ ଯନ୍ତ୍ରୀ ମଧ୍ୟ କାମ ଉପରେ ସମ୍ପୂର୍ଣ୍ଣ ତଥ୍ୟ ରଖୁ ନଥିବା ବେଳେ ,ଠିକାଦାରଙ୍କ ମନ ମୁଖି କାମ ଚାଲିଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ରାସ୍ତା କାମ ପାଇଁ ଓସିସିଏଲ ପକ୍ଷରୁ ଟେଣ୍ଡର ଡକାଯାଇ ବଲାଙ୍ଗିର ଜିଲ୍ଲାର ଜଣେ ଠିକାଦାର କାମ କରୁଥିବା ଜଣାପଡିଛି। ଠିକାଦାର ଜଣକ ସରକାରୀ ନିୟମକୁ ବେଖାତିର କରି ବିନା ସୂଚନା ଫଳକରେ ଏକ ମାସ ହେବ କାମ କରୁଥିବା ବେଳେ ଏ ବିଷୟରେ ଓସିସିଏଲର ଅଧିକାରୀଙ୍କୁ ଜଣା ନାହିଁ।ଆମେ ସୂଚନା ଦେଲା ପରେ ଅଧିକାରୀ ଜଣକ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇ ଏକ ସୂଚନା ଫଳକ ତିଆରି କଲେ ସତ ହେଲେ ଆଜି ମଧ୍ୟ ସେଠାରେ କାମ ବିଷୟରେ କୌଣସି ସୂଚନା ନାହିଁ। କେବଳ ସିମେଣ୍ଟରେ ନିର୍ମିତ ଏକ କାନ୍ଥ ଭଳି ଠିଆ ହୋଇଛି ।କେବଳ ସୂଚନା ଫଳକ ନୁହେଁ ଏହି ରାସ୍ତା ପାଇଁ ଉଦ୍ଦିଷ୍ଟ ମାଟି ଓ ମୋରମ୍ କାମରେ ବି ଚାଞ୍ଚକତା କରିଛନ୍ତି ଠିକାଦାର ବୋଲି ଅଭିଯୋଗ ହୋଇଛି। ସରକାରୀ ନିୟମ ଅନୁଯାୟୀ ଯେ କୌଣସି ସରକାରୀ କାମରେ ମାଟି,ମୋରୁମ ବ୍ୟବହାର ହେଉଥିଲେ ତାହାର ରାଜସ୍ୱ ବିଲ କାମ ହେଲା ସମୟରେ କଟିଥାଏ ହେଲେ ସରକାରୀ ନିୟମ ଅନୁଯାୟୀ ଠିକାଦାର କେଉଁ ଜାଗାରୁ ମାଟି ଓ ମୋରମ୍ ଉଠାଇବେ,କେଉଁ କେଉଁ ଗାଡ଼ି ଏଠାରେ ବ୍ୟବହାର କରାଯିବ ତାହାର ସୂଚନା ଜିଲ୍ଲା ଖଣିଜ ବିଭାଗକୁ ପୂର୍ବର ଲିଖିତ ଆକାରରେ ଜଣାଇବା ସହ ଲିଖିତ ଅନୁମତି ପତ୍ର ଖଣିଜ ବିଭାଗ ଠାରୁ ଆଣି କାମ କରିବେ ଯାହା ଦ୍ୱାରା କି କାମରେ ସ୍ୱଚ୍ଛତା ଆସିବ ଓ ସାଧାରଣ ଲୋକ ମଧ୍ୟ ଚାହିଁଲେ ସେ ବିଷୟରେ ଜାଣି ପାରିବେ। କିନ୍ତୁ ଏହି କାମରେ ଖଣିଜ ବିଭାଗକୁ କୌଣସି ସୂଚନା ନ ଦେଇ ମାଟି ଓ ମୋରମ ଠିକାଦାର ଉଠାଉଥିବା ଅଭିଯୋଗ ହେଉଛି। ସବୁଠାରୁ ବଡ କଥା ହେଲେ ଯେଉଁ ଜାଗାରୁ ମୋରମ ଉଠାଯାଇଛି ତାହା ଏକ ରକ୍ଷିତ ଗ୍ରାମ୍ୟ ଜଙ୍ଗଲ ଜମି ,ଯେଉଁ ଠାରୁ କି ସରକାରୀ ନିୟମ ଅନୁଯାୟୀ ମାଟି କିମ୍ବା ମୋରମ ଉଠାଯାଇପାରିବା ନାହିଁ। ଯଦି ଉଠାଇବେ ତେବେ ସଂପୃକ୍ତ ଠିକାଦାର କିମ୍ବା ବ୍ୟକ୍ତି ଜରିମାନାର ସମ୍ମୁଖୀନ ହେବେ। ତେବେ ଏନେଇ ଜିଲ୍ଲା ଖଣିଜ ଅଧିକାରୀଙ୍କୁ ସୂଚନା ଦିଆଯାଇଛୁ ବିଭାଗ ଏକ ବିଭାଗୀୟ ଏକ ଦଳ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ତେବେ ଖଣିଜ ବିଭାଗ କେବେ ତଦନ୍ତ କରିବ ଓ କେବେ ଏହି ଠିକାଦାରଙ୍କ ଉପରେ କେତେ ଟଙ୍କାର ଜରିମାନା ଲଗାଇବ ଜିଲ୍ଲା ଖଣିଜ ବିଭାଗ ତାହା ଦେଖିବାକୁ ବାକି ରହିଲା। ସୂଚନା ଫଳକରେ କେବେ ସୂଚନା ଲେଖାଯିବ ତାହା ମଧ୍ୟ ଦେଖିବାକୁ ବାକି ରହିଲା।



**ସରକାରୀ ନିୟମ ମାନୁନାହାନ୍ତି ଠିକାଦାର**

● କେସିଙ୍ଗା ଥାନା ପରିସରରେ ଅଗ୍ନିକାଣ୍ଡ

# ଜବତ ବାଇକ୍ ଓ ଚାରିଚକିଆ ଗାଡ଼ି ଜଳିଗଲା



କେସିଙ୍ଗା,୨୬ ।୨(ସମିସ) : ଗୁରୁବାର ସକାଳ ପ୍ରାୟ ୧୨ ଘଣ୍ଟା ସମୟରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ଆଦର୍ଶ ଥାନା ପରିସର ଭିତରେ କୌଣସି କାରଣ ବଶତଃ ଅଚାନକ ନିଆଁ ଲାଗି ଯାଇଥିଲା ।ବିଶେଷ କିଛି କ୍ଷୟକ୍ଷତି ହୋଇ ନ ଥିଲେ ମଧ କିଛି ୨୦ ବର୍ଷ ତଳର ପୁରୁଣା ଜବତ ବାଇକ୍ ଓ ଏକ କାରରେ ନିଆଁ ଲାଗିଥିବା ଜଣାପଡ଼ିଛି। ଥାନା ପଛପଟରେ ନିଆଁ ଲାଗି ଥିବାରୁ ଜଣା ପଡ଼ିନଥିଲା।

ଖବର ପାଇ କେସିଙ୍ଗା ଦମକଳ କେନ୍ଦ୍ରରୁ ନିଆଁ ଲିଭା ଗାଡ଼ି ପହଞ୍ଚି ନିଆଁକୁ ଆୟତ କରିଥିଲେ ।ଗାଡ଼ି ପୋଡ଼ିବା ସ୍ଥାନରେ ଅନେକ ଶାଗୁଆନ ଗଛ ଥିବାରୁ ବର୍ତ୍ତମାନ ଗଛ ଗୁଡ଼ାକର ପତ୍ର ଝଡ଼ା ସମୟ ଥିବାରୁ ନିଆଁ ହଠାତ୍ ଲାଗି ଯାଇଥିବା ଅନୁମାନ କରାଯାଉଛି ।ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବା ବେଳେ କେଉଁ ପରିସ୍ଥିତିରେ ନାଆଁ ଲାଗିଲା ତାହାର ତଦନ୍ତ ଆରମ୍ଭ ହୋଇଛି ।କେତେ ଗାଡ଼ି ପୋଡ଼ିଛି ଓ କେତେ କ୍ଷୟକ୍ଷତି ହୋଇଛି ଆକଳନ ହୋଇ ନ ଥିଲେ ମଧ ବେଶୀ ବଡ଼ଧରଣର କ୍ଷତି ହୋଇ ନ ଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି।

## ବାଲି ବୋଝେଇ ହାଇୱା ଜବତ

କର୍ଲାମୁଣ୍ଡା,୨୬ ।୨(ସମିସ):ବେଆଇନ ଭାବେ କର୍ଲାମୁଣ୍ଡା ବ୍ଲକ୍ ତେରେସିଂହା ତେଲନଦୀରୁ କଅଁସିଲଛକ ସ୍ଥିତ ଲଟା ଫ୍ୟାକଟ୍ରିକୁ ହାଇୱାରେ ବାଲି ଯାଉଥିବା ବେଳେ ରିଷିଡା କଲେଜ ଛକ ନିକଟରେ ରିଷିଡା ପୁଲିସ ଗାଡିକୁ ଜବତ କରି ଫାଣ୍ଡିକୁ ଆଣିଥିଲେ । ରିଷିଡା ଫାଣ୍ଡିଧିକାରୀ ମନୁଆ ବିଡିକାଙ୍କ ନେତୃତ୍ୱରେ ପୁଲିସ ଟିମ୍ ବାଲି ବୋଝେଇ ହାଇୱାକୁ ଜବତ କରିଥିଲେ। ଜବତ ଗାଡିର ନମ୍ବର-ଓଡି୦୫ବିଭି-୫୮ ୯୨ହୋଇଥିବା ବେଳେ ଡ୍ରାଇଭରନାମ ଅମନ କୁମାର ତାଣ୍ଡି ବୋଲି ଜଣାଯାଇଛି । ପ୍ରକାଶଥାଉକି ତେଲନଦୀରୁ ବେଆଇନ ଭାବେ ପ୍ରତିଦିନ ହାଇଭାରେ ବାଲିଚାଲାଣ ହେଉଥିବା ବେଳେ ବାଲିକୁ ଢଙ୍କା ଯାଉନଥିବାରୁ ବାଲିଗୁଣ୍ଡ ଉଡି ପଛରେ ଯାଉଥିବା ପଥିକଙ୍କୁ ହନ୍ତସନ୍ତ କରିଦେଉଛି । ରିଷିଡା ପୁଲିସର ବାଲି ବୋଝେଇ ଗାଡି ଜବତ ପରେ ବାଲି ମାଫିଆ ମହଲରେ କୋକୁଆଭୟ ସୃଷ୍ଟି ହୋଇଛି ।



## ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁଭଖମ୍ବ ସ୍ଥାପନ

କର୍ଲାମୁଣ୍ଡା,୨୬ ।୨(ସମିସ):କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଗାନ୍ଧିନଗରପଡ଼ାରେ ୪୭ବର୍ଷରେ ପଦାର୍ପଣ କରିଥିବା ଦୋଳପୂର୍ଣ୍ଣିମା ଉତ୍ସବରେ ଚଳିତବର୍ଷ ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ ଶୁଭଖମ୍ବ ସ୍ଥାପନ କରାଯାଇଛି। ପୂଜକ ଭାବରେ ପ୍ରଶାନ୍ତ ପାଣିଗ୍ରାହୀ କାର୍ଯ୍ୟ ତୁଲାଇଥିବା ବେଳେ କର୍ତ୍ତାଭାବେ ସତ୍ୟନାରାୟଣ କୁମାର ଏବଂ ତାଙ୍କ ସହଧର୍ମିଣୀ ଶାନ୍ତିଲତା କୁମାର ରହିଥିଲେ। ଶ୍ରୀ ରାଧାକୃଷ୍ଣ ମହିଳା ସଂକୀର୍ତ୍ତନ ମଣ୍ଡଳୀକର୍ତ୍ତାଙ୍କୁ ବରଣ କରିବା ସହିତ ସଂକୀର୍ତ୍ତନ ପରିବେଷଣ କରିଥିଲେ। କମିଟି ସଭାପତି ତୁମ୍ବନ ସୁନା, ସମ୍ପାଦକ ନରେନ୍ଦ୍ର ନାଗ, ରାଉତ ସୁନା, ତ୍ରିନାଥ ନାଏକ, ଘାସିରାମ ସୁନା, ଚେୟାର୍‌ମ୍ୟାନ କୁମାର, କବିରାଜ ନାଏକ, ସାଦବ ସୁନା, ଦୈତରାମ ନାଏକ,ବିବେକ ସୁନା, ବରୁଣ ସୁନା,ମଣ୍ଟୁ କୁମାର ଶଙ୍କର ମହାନନ୍ଦ, ଶ୍ରୀକୃଷ୍ଣ ସୁନାଙ୍କ ସମେତ ସମେତ ଶହଶହ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ। ଆସନ୍ତା ୨ତାରିଖରେ ଅଧିବାସ ଓ ୩ ତାରିଖ ସକାଳେ ନାମରମ୍ଭ ହେବାର ଉପ ସଭାପତି ସତ୍ୟନାରାୟଣ କୁମାର ସୂଚନା ଦେଇଛନ୍ତି।



## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଭବାନୀପାଟଣା,୨୬ ।୨(ସମିସ):ଭବାନୀପାଟଣା ପଞ୍ଚାୟତ ସମିତି ଆନୁକୂଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବ୍ଲକ୍ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇ, ଡିଏସ୍‌ଏସ୍ ଓ ଦିନେଶ କୁମାର କଅଁର, ଡିଡିଆର୍‌ସି ନୋଡାଲ ଅଧିକାରୀ ଶ୍ରୀନିବାସ ସାହୁ, ସରପଞ୍ଚ କୈଳାଶ ଚନ୍ଦ୍ର ନାଏକ, ସରପଞ୍ଚ ସତ୍ୟନାରାୟଣ ସାଙ୍କ ସହିତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ କର୍ଲାଗୁଡ଼ା ଟେକରାଜ ସାହୁଙ୍କ ସହ ସମସ୍ତ ସମିତି ସଭ୍ୟ ଉପସ୍ଥିତ ଥିଲେ। ସମିତିରେ ୨୬୨ ଜଣ ଭିନ୍ନକ୍ଷମ ସଦସ୍ୟଙ୍କ ନାମ ପଞ୍ଜୀକରଣ କରାଯାଇଥିଲା । ଅସ୍ଥିଗତ, ଚକ୍ଷୁ, ଶ୍ରବଣବାଧିତ, ଭାଷା ଅସମର୍ଥ, ମସ୍ତିଷ୍କ ଦୁର୍ବଳ, ସିକିଲନେଶ ଇତ୍ୟାଦି ରୋଗୀଙ୍କ ପଞ୍ଜୀକରଣ କରାଯାଇ ଭିନ୍ନକ୍ଷମ ପ୍ରମାଣପତ୍ର,ବସ୍‌ପାସ, ଟ୍ରେନ ପାସ,ହ୍ୱିଲ ଚେୟାର, ଇତ୍ୟାଦି ଉପକରଣ ବଣ୍ଟନ କରାଯାଇଥିଲା । ବ୍ଲକ୍ ସାମାଜିକ ଅଧିକାରୀ ସିଦ୍ଧେଶ୍ୱର ଦେବଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଅସ୍ଥିଶଲ୍ୟ ଡ. ସୁନିଲ ପାଢ଼ୀ ଡ. ଅନନ୍ତ ଚରଣ ମେହେର, ଚକ୍ଷୁ ବିଶେଷଜ୍ଞ ଡ. ନିବେଦିତା ସାହୁ, ଇଏନଟି ଡ. ପ୍ରଦ୍ୟୁମ୍ନ କିଶୋର ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ପଞ୍ଚାୟତ ସମିତି କାର୍ଯ୍ୟାଳୟର କର୍ମକର୍ତ୍ତା ବୃନ୍ଦ ଶିବିରଟିକୁ ସୁଚାର ରୂପେ ସଂପାଦନ ପାଇଁ ସହଯୋଗ କରିଥିଲେ।

# ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ସମୀକ୍ଷା ବୈଠକ



ନୂଆପଡ଼ା,୨୬ ।୨(ସମିସ):ନୂଆପଡା ଜିଲ୍ଲାରେ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି କ୍ଷ ବୈଠକ ଆରମ୍ଭରେ ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା, ରଶ୍ମିରଞ୍ଜନ ପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ ବିଭାଗୀୟ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ କ୍ଷ ସହକାରୀ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ, ସ୍ୱର୍ଣ୍ଣ ପ୍ରଭା ସିଂହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ବୃଷ୍ଟିପୃଷ୍ଟ ଅଞ୍ଚଳର ବିକାଶ ଯୋଜନା, ଜଳଧାରା ଯୋଜନା, ମନରେଗା ଇତ୍ୟାଦି ଯୋଜନାର ପ୍ରଗତି ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ କ୍ଷ କୃଷିବନୀକରଣ ଯୋଜନାରେ ରୋପଣ ହୋଇଥିବା ୬୩ ହେକ୍ଟର ଚାରାଗଛ ଗୁଡ଼ିକର ଉପଯୁକ୍ତ ସଂରକ୍ଷଣ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ କ୍ଷ ଜଳଧାରା ଯୋଜନାରେ ୯୫ ଗୋଟି ପୋଖରୀ ଖନନ କାର୍ଯ୍ୟ ମାର୍ଚ୍ଚ ୫ ତାରିଖ ମଧ୍ୟରେ ସମ୍ପନ୍ନ କରିବା ଏବଂ ମନରେଗା ଯୋଜନାରେ କାର୍ଯ୍ୟକାରି ହେଉଥିବା ସମସ୍ତ ପ୍ରକଳ୍ପ ମାର୍ଚ୍ଚ ମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ବୃଷ୍ଟିପୃଷ୍ଟ ଅଞ୍ଚଳର ବିକାଶ ଯୋଜନାରେ ସମସ୍ତ ୩୧୪ ଜଣ ହିତାଧିକାରୀଙ୍କ ସହାୟତା ରାଶିକୁ ମାର୍ଚ୍ଚ ମାସ ୧୫ ତାରିଖ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ କ୍ଷ ଏହି ଅବସରରେ ପାଞ୍ଚଟି ବ୍ଲକର ପାଞ୍ଚ ଜଣ ସଫଳ ଚାଷୀଙ୍କୁ ସମ୍ମାନୀତ କରାଯାଇଥିବା ବେଳେ ଫେବୃଆରୀ ମାସ ପାଇଁ ବିଭାଗୀୟ କର୍ମଚାରୀ ମୁକେଶ ସୁନାନୀଙ୍କୁ ଶ୍ରେଷ୍ଠ କ୍ଷେତ୍ର କର୍ମଚାରୀ ଭାବରେ ସମ୍ମାନୀତ କରାଯାଇଥିଲା କ୍ଷ ସହକାରୀ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ବିଭାଗ ଦେବବ୍ରତ ବିଶ୍ୱାଳ, ସହକାରୀ ମୃତିକା ସଂରକ୍ଷଣ ଅଧିକାରୀ ଦେବପ୍ରିୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

● ଆଦର୍ଶ ପଞ୍ଚାୟତରେ ୩ ସରପଞ୍ଚ ଅଯୋଗ୍ୟ ଘୋଷିତ

# ଚତୁର୍ଥ ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ

କେସିଙ୍ଗା,୨୬ ।୨(ସମିସ) କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଆଦର୍ଶ ପଞ୍ଚାୟତ ଉକ୍‌ରେଲା ପଞ୍ଚାୟତ ।ବିଗତ ତିନି ବର୍ଷ ମଧ୍ୟରେ ବଦଳିଲେଣି ୩ ସରପଞ୍ଚ ବର୍ତ୍ତମାନ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ଚତୁର୍ଥ ସରପଞ୍ଚ ।ପ୍ରଥମେ ନରେନ୍ଦ୍ର ମାଝୀ ଲୋକଙ୍କ ଦ୍ୱାରା ନିର୍ବାଚିତ ହୋଇ ସରପଞ୍ଚ ହୋଇଥିଲେ ହେଲେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ୱାର୍ଡ ମେମ୍ବରମାନେ ତାଙ୍କୁ ଗାଦିଚ୍ୟୁତ କଲେ। ମାଝୀଙ୍କ ପରେ ଜୀତେନ୍ଦ୍ର ହେର୍ଣ୍ଣାଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦାଇତ୍ୱ ପ୍ରଦାନ କରାଗଲା ସେ ମଧ୍ୟ କିଛିଦିନ ପରେ ତାଙ୍କ ପଦ ହରାଇଲେ। ହେର୍ଣ୍ଣାଙ୍କ ପରେ ପଞ୍ଚାୟତର ନାଏବ ସରପଞ୍ଚ ମୀରା କୁମାର ସରପଞ୍ଚ ଦାୟିତ୍ୱ ଗ୍ରହଣ କଲେ ହେଲେ ତାଙ୍କର ଦୁଇରୁ ଅଧିକ ସନ୍ତାନ ଥିବାରୁ କିଛି ଦିନ ତଳେ ସେ ମଧ୍ୟ ଅଯୋଗ୍ୟ ଘୋଷିତ ହେଲେ। ବର୍ତ୍ତମାନ ୱାର୍ଡ ସଭ୍ୟା ମଧୁପ୍ରିୟା ପଣ୍ଡା ନୂତନ ସରପଞ୍ଚ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ।ବର୍ତ୍ତମାନର ସରପଞ୍ଚ କେତେ ଦିନ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ ଦେଖିବାକୁ ବାକି ରହିଲା।



# 'ଜଗନ୍ନାଥ ସଂସ୍କୃତି କେବଳ ଧାର୍ମିକ ଆଚାର ନୁହେଁ ;ଓଡ଼ିଆ ଜାତିର ପ୍ରତୀକ'



ସିନାପାଲି,୨୬ । ୨(ସମିସ): ଜଗନ୍ନାଥ ସଂସ୍କୃତି କେବଳ ଏକ ଧାର୍ମିକ ଆଚାର ନୁହେଁ, ଏହା ଓଡ଼ିଶାର ଆଧ୍ୟାତ୍ମିକ ଓ ଓଡ଼ିଆ ଜାତିଙ୍କ ପରିଚୟର ପ୍ରତୀକ। ପୁରୀର ପାରମ୍ପରିକ ରଥ ଯାତ୍ରା ଶାସ୍ତ୍ର ଅନୁଯାୟୀ, ନିର୍ଦ୍ଧାରିତ ତିଥି, ନକ୍ଷତ୍ର ଅନୁଯାୟୀ ହେଉଥିବା ବେଳେ ଶତାବ୍ଦୀର ପୁରୁଣା ଗାଥା ବହନ କରୁଥିବା ବେଳେ ରୀତିନୀତି ଅନୁଯାୟୀ ପାଳନ ହୁଏ। ଏଥିରେ ପାରମ୍ପରିକ ଆଧରିକ ପଦମର୍ଯ୍ୟାଦା ରହିଛି। କିନ୍ତୁ ଇସ୍କନ ଦ୍ୱାରା ପାଳିତ ହେଉଥିବା ଅଦିନିଆ ରଥ ଯାତ୍ରା ଓଡିଆ ପରମ୍ପରା ର ପଦମର୍ଯ୍ୟାଦା ହାନୀ ଘଟିଥିବା ନେଇ ନୂଆପଡ଼ା ଜିଲ୍ଲା ସିନାପାଲିସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପୁରୀ ଆନୁକୂଲ୍ୟରେ ନୂଆପଡା ଜିଲ୍ଲା ଶାଖା ତରଫରୁ ଆହୁତ ସାମ୍ବାଦିକ ସମ୍ମିଳନୀରେ ମତ ପ୍ରକାଶ ପାଇଛି । ଉକ୍ତ ସାମ୍ବାଦିକ ସମ୍ମିଳନୀ ରେ ଗବେଷଣା ପ୍ରତିଷ୍ଠାନର ରାଜ୍ୟ ସଭାପତି ରାଧେଶ୍ୟାମ ପଣ୍ଡା, ସ୍ଥାନୀୟ ମନ୍ଦିର ପରିଚାଳନା ସଭାପତି ବୈସମ୍ପାୟନ ମେହେର, ସମ୍ପାଦକ ତୁଳସୀ ରାମ ମେହେର, ଉପଦେଷ୍ଟା ଦମ୍ବରୁଧର ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, କୋଷାଧ୍ୟକ୍ଷ ରୁପେଶ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ ଜଗନାଥଙ୍କ ରଥଯାତ୍ରାକୁ ନେଇ ଭକ୍ତମାନଙ୍କ ମଧ୍ୟରେ ଭାବାବେଗକୁ ନେଇ ଅସନ୍ତୋଷ ଦେଖାଯାଇଛି । ଭାରତ ତଥା ଭାରତ ବାହାରେ ବିଭିନ୍ନ ସ୍ଥାନରେ ଇସ୍କନ ନାମକ ଆନ୍ତର୍ଜାତିୟ ସଂସ୍ଥା ଅସମୟରେ ରଥଯାତ୍ରା ପାଳନକୁ ନେଇ ଚର୍ଚ୍ଚା ଲାଗି ରହିଛି । ରଥଯାତ୍ରା କେବଳ ଆଶାଡ ଶୁକ୍ଳ ଦ୍ୱତୀୟ ତିଥିରୁ ଆରମ୍ଭ ହୋଇ ନଅ ଦିନର ଅବଧିରେ ସମ୍ପୂର୍ଣ୍ଣ ହୋଇଥାଏ । ଏହି ନିର୍ଦ୍ଧାରିତ ସମୟ ବିଚ୍ୟୁତି ଉଚିତ ନୁହେଁ । କିନ୍ତୁ ଇସ୍କନ ସଂଗଠନ ଦ୍ୱାରା ପରିଚାଳିତ ଏହି ଅସମୟ ରଥ ଯାତ୍ରାକୁ ବନ୍ଦ କରିବା ପାଇଁ ଶ୍ରୀ ଜଗନ୍ନାଥ ପ୍ରଶାସନ ପକ୍ଷରୁ ଇସ୍କନ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଉଛି । ଏ ନେଇ ଶ୍ରୀ ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପ୍ରକାଶ କରାଯାଉଛି ।

# ବିକାଶ ଗ୍ରୁପର ଭି ଫେଷ୍ଟ ୪.୦ ଉଦ୍‌ଘାଟିତ



ଭବାନୀପାଟଣା,୨୬ ।୨(ସମିସ):ଭବାନୀପାଟଣାସ୍ଥିତ ଲକ୍ଷ୍ମୀ ବିକାଶ ହାୟର ଏଜୁକେସନାଲ୍ ଇନ୍‌ଷ୍ଟିଚ୍ୟୁସନ୍ସର ଟେକ୍ ଫେଷ୍ଟ-୨୦୨୬ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି ।ଉଦ୍‌ଘାଟନୀ ଅବସରରେ ଲକ୍ଷ୍ମୀ ବିକାଶ ହାୟର ଏଡୁକେସନାଲ୍ ଇନ୍‌ଷ୍ଟିଚ୍ୟୁସନ୍ସର ଚେୟାରମ୍ୟାନ୍ ଡି. ନାଗେଶ୍ୱର ରାଓ ଅଧ୍ୟକ୍ଷତା କରିଥିଲେ। ଭବାନୀପାଟଣା କୃଷି ବିଶ୍ୱ ବିଦ୍ୟାଳୟର ଡିନ ପ୍ରଫେସର ଡ. ସନ୍ଦୀପ୍ତ କୁମାର ନାୟକ ମୁଖ୍ୟଅତିଥି ଭାବେ ଉପସ୍ଥିତ ହୋଇ ତାଙ୍କ ମୁଖ୍ୟ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କୁ ବହୁମୁଖୀ ପ୍ରତିଭାର ଅଧିକାରୀ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଏଲଭିଜିଆଇର ନିର୍ଦ୍ଦେଶକ ଡି. ଶ୍ୟାମ, ଡି. ରାମ କୁମାର,ଏକାଡେମିକ୍ ଇନଚାର୍ଜ୍ ଡି. ବିଜୟା, ପରିଚାଳନା ମଣ୍ଡଳୀର ସଦସ୍ୟା ଡି. ପଦ୍ମିନୀ, ଓ ସମସ୍ତ ଅଧକ୍ଷ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। କରିଥିଲେ। କାର୍ଯ୍ୟକ୍ରମ ୨୬ ରୁ ୨୮ ଫେବୃଆରୀ ପର୍ଯ୍ୟନ୍ତ ତିନି ଦିନ ଧରି ଅନୁଷ୍ଠିତ ହେବ। ଏଥିରେ ଛାତ୍ରଛାତ୍ରୀମାନେ ପୋଷ୍ଟର ପ୍ରଦର୍ଶନୀ (ଭଏସ୍ ଫର୍ ଚେଞ୍ଜ୍), ପାୱାରପଏଣ୍ଟ ପ୍ରଦର୍ଶନୀ (ସ୍ଲାଇଡ୍ ଟୁ ସକ୍ସେସ୍), ଷ୍ଟାର୍ଟଅପ୍ ପ୍ରଦର୍ଶନୀ ଏବଂ ମଡେଲ୍ ପ୍ରଦର୍ଶନୀ ସହ ଅନ୍ୟାନ୍ୟ ଖେଳକୁଦ ପ୍ରତିଯୋଗିତାରେ ଭାଗ ନେବେ ।ଏହି ଅବସରରେ ରୋହିତ କୁମାର ସାହୁ, ପ୍ରିନ୍ସ ଭତ୍ରା, ବିଶ୍ୱମୋହନ ସିଂହ, ପ୍ରିୟାଂଶୁ ଶେଖର ବିଡିକା, ଆକାଶ ଖରସେଲ ଏବଂ ନିଗମାନନ୍ଦ ନାୟକଙ୍କୁ ହ୍ୟାକାଥନ୍ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବା ସହିତ 'ବ୍ରେନ୍ ଓ ଭିଜନ୍'କମ୍ପାନୀ ପକ୍ଷରୁ ଇର୍ଣ୍ଟର୍ନଶିପ୍ ଅଫର ଲେଟର ପ୍ରାପ୍ତ ହେବାରୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଆଲୋକ କୁମାର ରାୟ ସାମନ୍ତ ଇଣ୍ଟରକଲେଜ୍ ଡିସ୍କସ୍ ଥ୍ରୋ ପ୍ରତିଯୋଗିତାରେ ପ୍ରଥମ ଏବଂ ଶଟପୁଟ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆୟୁଷ ମିଶ୍ର ଇଣ୍ଟର ୟୁନିଭର୍ସିଟି କ୍ରିକେଟ୍ ପ୍ରତିଯୋଗିତା ପାଇଁ ଚୟନିତ ହୋଇଥିଲେ। ମୁସ୍କାନ ଛତ୍ରିଆ ଇଣ୍ଟର ୟୁନିଭର୍ସିଟି ମହିଳା ଖୋଖୋ ଦଳରେ ଓ ରାଜବୀର ସିଂହ ପୁରୁଷ ଖୋଖୋ ଦଳରେ ଚୟନିତ ହୋଇଥିଲେ। ଆୟୁଷ ଭତ୍ରା ରାଜ୍ୟସ୍ତରୀୟ ଇଣ୍ଟର ୟୁନିଭର୍ସିଟି ସାହିତ୍ୟ ଓ ସାଂସ୍କୃତିକ ସମ୍ମିଳନୀରେ ଇଂରାଜୀ କାହାଣୀ ଲେଖନ ପାଇଁ ଚୟନିତ ହୋଇଥିଲେ ।ସେହିଭଳି ଜୟିତା ଜାନା, ସୋନାଲ ଅଗ୍ରୱାଲ ଏବଂ ସିଦ୍ଧାର୍ଥ ରଞ୍ଜନ ଦାସ ବିଜୟବାଡାରେ ଆୟୋଜିତ ଜାତୀୟସ୍ତରୀୟ ହ୍ୟାକାଥନ୍ ମା ।ଇଣ୍ଡ ସ୍ପିରିଟ୍ ୨୦୨୫ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ସମ୍ମାନିତ କରାଯାଇଥିଲା। ରାଇପୁରର ପ୍ରସିଦ୍ଧ ପଜ୍ ବ୍ୟାଣ୍ଡ ଓ ଲୋକପ୍ରିୟ ସମ୍ବଲପୁରୀ ଗାୟକ ଅଙ୍କିତ ରାଜ ଓ ତାଙ୍କ ଦଳ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

## ସଜନା ଛୁଇଁର ଅଭାବୀ ବିକ୍ରି

# ପୂର୍ବ ସରକାର ସମୟରେ ଲାଭାନ୍ୱିତ ହେଉଥିଲା ଚାଷୀ

ଗୋଲାମୁଣ୍ଡା,୨୬ ।୨(ସମିସ):ବର୍ତ୍ତମାନ "ସଜନା" ଛୁଇଁ ଅମଳର ସମୟ ଚାଲିଛି । ଅଭାବୀ ବିକ୍ରି ପାଇଁ ଦଲାଲ ହାତରେ ଶାଗ ମାଛ ଦରରେ ଟେକି ଦେଉଛି ଚାଷୀ । ପୂର୍ବ ସରକାର ସମୟରେ କିଲୋ ପ୍ରତି ୮୦ ରୁ ୯୦ ଟଙ୍କାରେ ବିକ୍ରୟ କରି ଅଧିକ ଅର୍ଥ ଉପାର୍ଜନ କରୁଥିଲା । ବର୍ତ୍ତମାନର ଅଭାବୀ ବିକ୍ରି ଯୋଗୁଁ କିଲୋ ପ୍ରତି ୪୦ରୁ ୫୦ଟଙ୍କାରେ ନେଉଥିବା ଦେଖିବାକୁ ମିଳିଛି । ସଜନା ଚାଷ ଏକ ଲାଭଦାୟକ ଚାଷ ହୋଇଥିଲେ ହେଁ ଅଭାବୀ ବିକ୍ରି ହେତୁ ଭାଗ୍ୟକୁ ଆଦରି ବସିଛି ଚାଷୀ। "ସଜନା" ଦୁଇ ପ୍ରକାରର ହୋଇଥାଏ। ଦେଶୀ ପ୍ରଜାତିର ଛୁଇଁକୁ ମୁଙ୍ଗନ୍ନା ବୋଲି ସ୍ଥାନୀୟ ଲୋକେ କହିଥାନ୍ତି ଓ ହାଇବ୍ରିଡ଼ ଛୁଇଁକୁ ସଜନା କୁହାଯାଏ । ଅବଶ୍ୟ ଆଉ ୧୦ ରୁ ୧୫ ଦିନ ପରେ ପରିପକ୍ୱ ସଜନା ବଜାରରେ ବିକ୍ରି ହେବ ।ଏବେ ଅପରିପକ୍ୱ କସି ସଜନା ଛୁଇଁ ବ୍ୟବସାୟୀମାନେ ଗାଆଁ ଗାଆଁ ବୁଲି କିଣୁଥିବା ଦେଖିବାକୁ ମିଳିଛି। ଗୋଲାମୁଣ୍ଡା ବ୍ଲକ୍‌ର ଖଲିଆପାଲି, ଚପୁରିଆ, କେଗାଁ, ନୂଆଗାଁ, ସାନଚେରଗାଁ ,ଢୁଢୁକେଲ,ଗ୍ରୀଣ୍ଡୋଲ,ମକରାଗୁଡା ଗ୍ରାମମାନଙ୍କରେ ଅଧିକାଂଶ ଚାଷୀ ହାଇବ୍ରିଡ଼ ସଜନା ଚାଷ କରୁଥିବା ବେଳେ ଅଳ୍ପ ବହୁତରେ ଗୋଲାମୁଣ୍ଡା ବ୍ଲକ୍‌ର ସମସ୍ତ ଗାଁରେ ସଜନା ଚାଷ ଘରେ ଘରେ ବଗିଚାରେ କରୁଥିବା ଦେଖିବାକୁ ମିଳିଛି।



# ସମସ୍ୟା ଘେରରେ ବିରିମୁହାଣ ଉପ୍ରା ବିଦ୍ୟାଳୟ

କୋକସରା,୨୬ ।୨(ସମିସ) : କୋକସରା ବ୍ଲକ ଆମପାଣି ପଞ୍ଚାୟତ ବିରିମୁହାଣ ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଶିକ୍ଷକ ଅଭାବ ସାଙ୍ଗକୁ ବିପଦପୂର୍ଣ୍ଣ ଶ୍ରେଣୀ ଗୃହରେ ପିଲାଙ୍କ ପାଠପଢା ଚାଲିଛି। ଏହି ବିଦ୍ୟାଳୟରେ ବାଲବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେବେ ସେମାନଙ୍କ ଶିକ୍ଷାଦାନ ଲାଗି ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ସହିତ ୪ ଜଣ ଶିକ୍ଷକ ରହିଛନ୍ତି। ୪ ଜଣଙ୍କ ମଧ୍ୟରୁ ପ୍ରଧାନ ଶିକ୍ଷକ ଅଫିସ କାର୍ଯ୍ୟ ସମ୍ଭାଳିଲେ ୩ ଜଣ ଶିକ୍ଷକଙ୍କ ୮ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପଢାଉଛନ୍ତି। ଯାହା ଫଳରେ ପିଲାଙ୍କ ଶିକ୍ଷାଦାନରେ ଅନେକ ଅସୁବିଧା ସୃଷ୍ଟି ହେଉଛି। ସୂଚନା ଯେ' ଏହି ବିଦ୍ୟାଳୟରେ ବାଲବାଟିକାରେ ୧୧ ଜଣ ଛାତ୍ରଛାତ୍ରୀ ଥିବା ବେଳେ ପ୍ରଥମ ଶ୍ରେଣୀରେ ୪୨,ଦ୍ୱିତୀୟରେ ୧୦, ତୃତୀୟରେ ୧୧, ଚତୁର୍ଥରେ ୮, ପଞ୍ଚମରେ ୭, ଷଷ୍ଠରେ ୧୬, ସପ୍ତମରେ ୬ ଓ ଅଷ୍ଟମ ଶ୍ରେଣୀରେ ୧୬ ଜଣ ରହିଛନ୍ତି। ବିଦ୍ୟାଳୟରେ୧୨୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବାଲବାଟିକାକୁ ମିଶାଇ ୯ଟି ଶ୍ରେଣୀର ଛାତ୍ରୀଙ୍କ ପାଇଁ ଚାରୋଟି ଶ୍ରେଣୀ ଗୃହ ରହିଛି । ସେଥିମଧ୍ୟରୁ ଅନେକ କୋଠରୀ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ବିଭିନ୍ନ ସମୟରେ ଛାତରୁ ସିମେଣ୍ଟ ଅତଡ଼ା ଖସୁଥିବା ପ୍ରଧାନଶିକ୍ଷକ ପ୍ରକାଶ କରିଛନ୍ତି। ଅନ୍ୟପଟେ ବିଦ୍ୟାଳୟରେ ଋତୁକାଳୀନ ଛାତ୍ରାବାସରେ ୫୦ ଜଣ ଛାତ୍ରଛାତ୍ରୀ ମଧ୍ୟ ରହୁଛନ୍ତି । ଏଣେ ସ୍କୁଲ ଚାରିପାର୍ଶ୍ୱରେ ପାଚେରୀ ମଧ୍ୟ ନାହିଁ । ଶ୍ରେଣୀଗୃହ, ଶିକ୍ଷକ ଅଭାବ ସାଙ୍ଗକୁ ବିଦ୍ୟାଳୟ ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବାରୁ ଛାତ୍ରଛାତ୍ରୀଙ୍କ ଅଭିଭାବକ ପିଲାଙ୍କ ଭବିଷ୍ୟତ ନେଇ ଚିନ୍ତା ପ୍ରକଟ କରିଛନ୍ତି ।ବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟାକୁ ତୁରନ୍ତ ସମାଧାନ କରିବା ପାଇଁ ଛାତ୍ରଛାତ୍ରୀଙ୍କ ଅଭିଭାବକ, ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ପକ୍ଷରୁ ପ୍ରଶାସନକୁ ଦାବି କରାଯାଇଛି ।



● ଶିକ୍ଷକ ଓ ଶ୍ରେଣୀ ଗୃହ ଅଭାବ

● ଶ୍ରେଣୀ ଗୃହରୁ ଧସୁଛି ସିମେଣ୍ଟ ଅତଡ଼ା



● ବୀରମହାରାଜପୁର ଏନ୍‌ଏସି ୱାର୍ଡ ସୀମା ନିର୍ଦ୍ଧାରଣ ଓ ପଦ ସଂରକ୍ଷଣ ପ୍ରସଙ୍ଗ

## ଚିଠା ତାଲିକା ଉପରେ ଅଭିଯୋଗ ଶୁଣାଣି ଶେଷ

ବୀରମହାରାଜପୁର, ୨୬ ।୨(ସମିସ): ବୀରମହାରାଜପୁର ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ୱାର୍ଡ଼ ସୀମାନିର୍ଦ୍ଧାରଣ ଓ ପଦ ସଂରକ୍ଷଣ ଚିଠା ତାଲିକା ଗତ ୧୨ ତାରିଖ ପ୍ରକାଶ ପାଇଛି; ମାତ୍ର ଏହି ତାଲିକା ଭୁଲ୍‌ ଥିବା ଦର୍ଶାଇ ବିଭିନ୍ନ ରାଜନୈତିକ ଦଳ ସହ ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ଗ୍ରାମ ପକ୍ଷରୁ ଆପତ୍ତି, ଅଭିଯୋଗ ଓ ପରାମର୍ଶ ଦିଆଯାଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ପାଖରେ ଦାଖଲ ହୋଇଥିବା ଅଭିଯୋଗ ଦରଖାସ୍ତଗୁଡ଼ିକ ଜିଲ୍ଲାପାଳ ଡ. ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ବୀରମହାରାଜପୁର ବିଡିଓ ରାଜୀବ ହାଁସଦା, ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ଓ ଅତିରିକ୍ତ ବିଡ଼ିଓ ପୁରୁଷୋତ୍ତମ ଧରୁଆ ତଦନ୍ତ ସହ ଶୁଣାଣି କରିଥିଲେ। ଚିଠା ତାଲିକାରେ ପ୍ରକାଶ ପାଇଥିବା ୧୭ ୱାର୍ଡକୁ ବୃଦ୍ଧି କରି ୨୧ୱାର୍ଡ କରିବା, ତାଲିକାରେ ଥିବା ଭୁଲ୍‌ ସଂଶୋଧନ କରିବା ଓ ୱାର୍ଡୱାରି ଲୋକେ ସଂଖ୍ୟା ପ୍ରକାଶ କରିବାକୁ ପରାମର୍ଶ ଦିଆଯାଇଛି। ଅଭିଯୋଗ ହୋଇଥିବା ସମସ୍ତ ଦରଖାସ୍ତ ଉପରେ ଶୁଣାଣି ହୋଇଥିଲା। ଶେଷରେ ଚୂଡ଼ାନ୍ତ ୱାର୍ଡ ସୀମାନିର୍ଦ୍ଧାରଣ ଓ ଆସନ ସଂଖ୍ୟା ପ୍ରକାଶ ପାଇଛି। ଏହି ଚୂଡ଼ାନ୍ତ ତାଲିକା ପ୍ରକାଶ ପରେ ଯଦି କାହାର କିଛି ଆପତ୍ତି ଥାଏ ତାହାହେଲେ ୧୫ ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ପାଖରେ ଅପିଲ କରିପାରିବେ ବୋଲି ପ୍ରଶାସନ ତରଫରୁ ସୂଚନା ଦିଆଯାଉଛି। ଏହି ଶୁଣାଣିରେ ସୁବର୍ଣ୍ଣପୁର ଜିଲ୍ଲା ବିଜେପି ସଭାପତି ବେଣୁଧର ଦାସ, ବୀରମହାରାଜପୁର ବ୍ଲକ ବିଜେଡି ସଭାପତି ସୁରୁନାରାୟଣ ମହାକୁର, ବରିଷ୍ଠ ଓକିଲ ବଳଦେବ ବେଦବାକ, ଓକିଲ ଧର୍ମେନ୍ଦ୍ର ମେହେର, ସୁମନ୍ତ ଜଗଦଳା ପ୍ରମୁଖ ଜିଲ୍ଲାପାଳଙ୍କଠାରେ ନିଜ ନିଜ ମତ ରଖିଥିଲେ।

# ଯେମିତି ବି ହେଉ ବାଘ ଷ୍ଟେସନ ନିର୍ମାଣ ପାଇଁ ପଣ

## ଭୁବନେଶ୍ୱର ରେଳ ସଦନରେ ପୂର୍ବତଟ ରେଳବାଇ ମହାପ୍ରବନ୍ଧକଙ୍କୁ ଭେଟିଲା ସଂଗ୍ରାମ ସମିତି

ମନମୁଣ୍ଡା, ୨୬ ।୨(ସମିସ)



ମନମୁଣ୍ଡା ଥାନା କନ୍ଧରିଆପଡ଼ା ଗ୍ରାମର ବାଘ ନଦୀ ନିକଟରେ ବାଘ ଷ୍ଟେସନ ନିର୍ମାଣ ଲାଗି ଦାବି ଜୋର ଧରିଛି। ଏହି ଷ୍ଟେସନ ସ୍ଥାପନ ପାଇଁ ରେଳ ଷ୍ଟେସନ ସଂଗ୍ରାମ ସମିତି ପଣ କରିଛି। ସମିତିର କର୍ମକର୍ତ୍ତା ଭୁବନେଶ୍ୱର ପୂର୍ବତଟ ରେଳବାଇର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କୁ ଭେଟି ଏ ସମ୍ପର୍କରେ ଫେରାଦ ହୋଇଛନ୍ତି। ଅଞ୍ଚଳବାସୀଙ୍କ ଦାବି ମୁତାବକ ଖୋର୍ଦ୍ଧା - ବଲାଙ୍ଗିର ରେଳପଥର ଏହି ସ୍ଥାନରେ ଏକ ଷ୍ଟେସନ କରାଯିବା ପାଇଁ ରେଳବାଇ ପକ୍ଷରୁ ଡିପିଆର ପ୍ରସ୍ତୁତ ହୋଇଥିଲା। ପ୍ରସ୍ତାବିତ ଷ୍ଟେସନ ବୋଲି ମ୍ୟାପ ମଧ୍ୟ ପ୍ରକାଶ ପାଇଥିଲା। ଷ୍ଟେସନ୍ ପାଇଁ ପ୍ରାୟ ୭୨.୦୦ ଏକର ଜମି ଅଧିଗ୍ରହଣ କରାଯାଇଛି। ଗୋଟିଏ ଗାଁ ବିସ୍ଥାପିତ ହୋଇଛି। ଏହା ସତ୍ତ୍ୱେ ଏଠାରେ ସେଠାରେ ଷ୍ଟେସନ ସ୍ଥାପନ କରାଯାଇନାହିଁ। ଏହି ଷ୍ଟେସନ ସ୍ଥାପିତ ହେଲେ ମନୁପାଲି, ବାଉଁଶୁଣୀ, ଅଇଁଲାପଲି, ଗୋଛାପଡ଼ା, ଗୁହୁଲିଆ, ଶଗଡ଼ା, ଖଲିଆପାଲି, ରକ୍ସା ଏବଂ ବରଗୋଛା ଆଦି ପଞ୍ଚାୟତ ସହ ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ଉପଖଣ୍ଡର ଲୋକେ ରେଳ ସେବାର ସୁବିଧା ପାଇପାରିବେ। ଏନେଇ ବାଘ ଷ୍ଟେସନ ସଂଗ୍ରାମ ସମିତି ପକ୍ଷରୁ ପ୍ରଥମେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ରେଳବାଇର ସମ୍ବଲପୁର ମୁଖ୍ୟ ଏଡିଏମ ଆନନ୍ଦ ସିଂହଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଥିଲା। ସେ ସମସ୍ତେ ଦାବୀ ଯଥାର୍ଥ ବୋଲି ମତବ୍ୟକ୍ତ କରିଥିଲେ। କିନ୍ତୁ ଅଦ୍ୟାବଧି କିଛି ଉତ୍ତର ଆସିନି। ଅଗ୍ରଗତିର ଆଭାସ ମଧ୍ୟ ମିଳିଲା ନାହିଁ। ବାଧ୍ୟ ହୋଇ ଭୁବନେଶ୍ୱରସ୍ଥିତ ରେଳ ସଦନ ଯାଇ ମହାପ୍ରବନ୍ଧକଙ୍କୁ ସଂଗ୍ରାମ ସମିତି ସଭ୍ୟଗଣ ସାକ୍ଷାତ କରିଛନ୍ତି। ସଭାପତି କରୁଣାକର ଘଣ୍ଟୁଆଲଙ୍କ ନେତୃତ୍ୱରେ ସମ୍ପାଦକ ଇନ୍ଦୁ ଭୂଷଣ ମହକୁଳ, ବିଜେପି ଯୁବ ନେତା ଓମ୍‌ପ୍ରକାଶ ମିଶ୍ର, ନକୁଳ ପ୍ରଧାନ, ଦେବରାଜ ଭୋଇ, ଆହାଲ୍ଲାଦ ଖମାରୀ, ରଞ୍ଜନ ମହାକୁଲ, ଲୋକନାଥ ସାହୁ ପ୍ରମୁଖ ରେଳ ଷ୍ଟେସନର ଯଥାର୍ଥତା ନେଇ ମହାପ୍ରବନ୍ଧକଙ୍କୁ ବୁଝାଇବା ସହ ଦାବି ପୂରଣ ପାଇଁ ଅନୁରୋଧ କରିଥିଲେ। ତେବେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ସେ ପଠାଇବେ। ସେ ଉପରେ କଣ କରାଯାଇ ପାରିବ ବୋଲି କହି ମହାପ୍ରବନ୍ଧକ ସମୟ ମାଗିଛନ୍ତି।

## ଅଭିଯୁକ୍ତକୁ ଧରିବାକୁ ଆସି ଛତିଶଗଡ଼ ପୁଲିସ ଲହୁଲୁହାଣ

● ପୁଲିସ ମାଡ଼ରେ ଅଭିଯୁକ୍ତର ବାପା ଆହତ

ବୌଦ୍ଧ, ୨୬ ।୨ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅଞ୍ଚଳରେ ବୁଧବାର ଏକ ରୋଚକ ଘଟଣା ଘଟିଛି। କୌଣସି ଏକ ମାମଲାର ଜଣେ ୱାରେଣ୍ଟିକୁ ଧରିବାକୁ ଆସି ଛତିଶଗଡ଼ ପୁଲିସ ଆକ୍ରମଣର ଶିକାର ହୋଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ଭିତରକୁ ପଶିବାବେଳେ ପୁଲିସକୁ ଆକ୍ରମଣ ହୋଇଛି। ତେବେ ପୁଲିସ ମଧ୍ୟ ପ୍ରତିଆକ୍ରମଣ କରିଥିଲା। ପୁଲିସକୁ ୱାରେଣ୍ଟିଙ୍କ ବାପା ଓ ସମର୍ଥକ ମାଡ଼ମାରି ଲହୁଲୁହାଣ କରି ଗାଡ଼ି ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ସେହିପରି ପୁଲିସ ମାଡ଼ରେ ୱାରେଣ୍ଟିଙ୍କ ବାପାଙ୍କ ଗୋଡ଼ ଭାଙ୍ଗି ଯାଇଛି। ସେ କଣ୍ଟାମାଳ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

## ୨୪ ପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା

ଶଗଡ଼ା, ୨୬ ।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାଠାରେ ୨୪ ପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ପୁରୁଷ ଓ ମହିଳା ବିରାଟ ଶୋଭାଯାତ୍ରାରେ ବାହାରିଥିଲେ। ନିକଟସ୍ଥ ତେଲନଦୀରୁ କଳସରେ ପାଣି ଆଣି ଯଜ୍ଞ ସ୍ଥଳକୁ ଆଣିଥିଲେ। ଶୁକ୍ରବାର ନାମ ଯଜ୍ଞ ଅନୁଷ୍ଠିତ ହେବ। ସୋମବାର ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

## କୁସଙ୍ଗ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବୌଦ୍ଧ, ୨୬ ।୨(ସମିସ): କୁସଙ୍ଗ ଆଞ୍ଚଳିକ ଜଗନ୍ନାଥ ମନ୍ଦିରରେ ରତ୍ନମୁଦ, ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ବିଜେ ଉତ୍ସବ ସହ ଭକ୍ତିମୟ ପରିବେଶରେ ୩୦ଫୁଟର ନୀଳଚକ୍ର ବାନା ସ୍ଥାପନ କରାଯାଇଛି। ଶତାଧିକ ମହିଳା କୁମାରୀ ମହାନଦୀ ଘାଟରୁ କଳସରେ ପବିତ୍ର ଜଳ ଆଣି ଯଜ୍ଞ ମଣ୍ଡପରେ ଅବସ୍ଥାପିତ କରିଥିଲେ। ପରେ ସୁନ୍ଦରକାଣ୍ଡ ପାଠ, ହୋମ ଯଜ୍ଞ, ଘୃତ ଯଜ୍ଞ, ନାମ ଯଜ୍ଞ ଓ ଅନ୍ନଯଜ୍ଞ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବେଦମନ୍ତ୍ର ଓ ପୂଜାର୍ଚ୍ଚନା ମଧ୍ୟରେ ବିଗ୍ରହମାନଙ୍କୁ ଗର୍ଭଗୃହରେ ବିଜେ କରାଯାଇଥିଲା। ଏହା ସହିତ ମନ୍ଦିର ଶିଖରରେ ୩୦ ଫୁଟର ପବିତ୍ର ନୀଳଚକ୍ର ଚଢାଯାଇଥିଲା। ମନ୍ଦିର କମିଟିର ସଭାପତି ଅନାଦି ପ୍ରଧାନଙ୍କ ନେତୃତ୍ୱରେ ସମ୍ପାଦକ ଭଗବାନ ହୋତା, ଉପସଭାପତି କବିରାଜ ସାହୁ, ଅକ୍ଷୟ ସାହୁ, ପ୍ରଫୁଲ୍ଲ ସାହୁ, ଅଭୟ ଭୋକ୍ତା, ଅର୍ଜୁନ ଖେତୀ, ନିଶାମଣି ଖଟୁଆ, ଘାସିରାମ ରଣା, ରବୀନ୍ଦ୍ର ଦେହୁରୀ, ସଦାନନ୍ଦ ଡାଲୁଆ ଓ ଦୀନବନ୍ଧୁ ଦେହୁରୀ ପ୍ରମୁକ ଉତ୍ସବ ପରିଚାଳନାରେ ସକ୍ରିୟ ଭୂମିକା ନେଇଥିଲେ।

## ସୌରଚାଳିତ ପାନୀୟ ଜଳ ଉଦ୍‌ଘାଟିତ

କଣ୍ଟାମାଳ, ୨୬ ।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ସିମିଳିଯୋର ହାଇସ୍କୁଲରେ ସୌର ଚାଳିତ ପାନୀୟ ଜଳ ଉଦ୍‌ଘାଟିତ ହୋଇଛି। ବରଗାଁ ସରପଞ୍ଚ ରଶ୍ମିତା ରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଜେପି ଜିଲ୍ଲା ସମ୍ପାଦକ ପିନାକ ଧରରଣା, ପ୍ରଶନ୍ନ ରଣା, ସିମିଳିଯୋରା ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

ବୀରମହାରାଜପୁର, ୨୬ ।୨(ସମିସ): ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ସଭାଗୃହରେ ପଞ୍ଚାୟତସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନିରୂପମା ବଗର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ରେଆର୍ ସଂଗଠନର ପ୍ରତିନିଧି ସୁଦାମ ଗାଇଗରିଆ ବିପର୍ଯ୍ୟୟ ସମୟରେ କମିଟିର ଦାୟିତ୍ୱ ଓ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବାଗବର ପଞ୍ଚାୟତର ନୂଆଗଡ଼, ଫୁଲଚରା, ଭଳିଆପଦର, ଦେଉଳ ମୁଣ୍ଡା, ଦେଉଳି, ବୁରୋଘଟ, କୁମରସିଂହା ଷଣ୍ଢା ଆଦି ଗ୍ରାମର ବିପର୍ଯ୍ୟୟ ପରିଚାଳନା ଯୋଜନା ଉପରେ ଆଲୋଚନା କରିଥିଲେ। ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କ୍ଷେତ୍ରକର୍ମୀ ବିଶ୍ୱମ୍ବର ସହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ପ୍ରବୋଧନ ତାଲିମ ଶିବିର ଉଦ୍‌ଯାପିତ



ତରଭା, ୨୬ ।୨(ସମିସ): ସୋନପୁର ବ୍ଲକ ବାଲାଡି ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ପଞ୍ଚ ଦିବସୀୟ ବ୍ଲକସ୍ତରୀୟ ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ନାରାୟଣପୁର ସିଆରସିସି ସମୀର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଶିବିରରେ ସୋନପୁର ବ୍ଲକର ୧୦୦ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା ତଦାରଖ କରିଥଲେ। ଶିକ୍ଷକ ଦିଲୀପ ମିଶ୍ର, ବ୍ରତାନନ୍ଦ ଭୋଇ, ସୁନୁ ନାଏକ ଓ ଓମ୍‌ପ୍ରକାଶ ପୂଜାରୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟଜିତ ପଟ୍ଟନାୟକ ମୁଖ୍ୟ ଅତିଥି, ଭରଦ୍ୱାଜ ଦାଶ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ରୂପେ ସ୍କୁଲର ପୁରାତନ ଛାତ୍ର ରଘୁନାଥ ବେହେରା ଯୋଗ ଦେଇଥିଲେ। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜୟନାରାୟଣ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିକଶିତ ଭାରତ ଯୁବସଂସଦ କାର୍ଯ୍ୟକ୍ରମ

ଶଗଡ଼ା, ୨୬ ।୨(ସମିସ): ବୌଦ୍ଧ ବ୍ଲକ ବାଉଁଶୁଣୀସ୍ଥିତ ମାଁ ମାହେଶ୍ୱରୀ ସ୍ନାତକ ମହାବିଦ୍ୟାଳୟରେ ଭାରତ ସରକାରଙ୍କ ଯୁବ ବ୍ୟାପାର ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ଆନୁକୂଲ୍ୟରେ ବିକଶିତ




ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅନିରୁଦ୍ଧ ମହାକୁଳଙ୍କ ସଭାପତତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ୪ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଇଂ ରାକେଶ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବୌଦ୍ଧ ବ୍ଲକ ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ଘିବିଲା, , ସୋନପୁର ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଡକ୍ଟର ସୌରଭ ରଞ୍ଜନ ଖମାରୀ, ବିରମହାରାଜପୁର କଲେଜର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଡକ୍ଟର ନରେନ୍ଦ୍ର ଝା, ବୌଦ୍ଧ ମଡେଲ୍ ଡିଗ୍ରୀ କଲେଜ ଓଡ଼ିଆ ବିଭାଗ ଅଧ୍ୟାପକ କଳ୍ପତରୁ ନାୟକ, ମାଇଁ ଭାରତ ସଂଯୋଜକ ଉତ୍ତମ ମହାକୁଳ ଏବଂ ସୁଧୀର ଦୀପ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବୌଦ୍ଧ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟରୁ ପ୍ରାୟ ୨ ଶହ ଯୁବକ ଯୁବତୀ ଭାଗ ନେଇଥିଲେ। ସ୍ୱର୍ଣ୍ଣବ ମିଶ୍ର, ସ୍ମୃତିରୂପା ପ୍ରଧାନ, ଇତିଶ୍ରୀ ବାରିକ୍, ସିଦ୍ଧାନ୍ତ ଧଳ, ଶିବାଜୀ ଲୁହା ପ୍ରମୁଖ ରଥାକ୍ରମେ ପ୍ରଥମରୁ ୫ମ ପର୍ଯ୍ୟନ୍ତ ସ୍ଥାନ ଅଧିକାର କରିଛନ୍ତି। ଏମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଇଂରାଜୀ ବିଭାଗର ଅଧ୍ୟାପକ ବାବାରାମ ଦେହୁରୀ କାର୍ଯ୍ୟକ୍ରମ ସଞ୍ଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଁ ମାହେଶ୍ୱରୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

ବିନିକା, ୨୬ ।୨(ସମିସ): ବିନିକା ବ୍ଲକ ଅଧୀନ ଚରଦା ପଞ୍ଚାୟତ ଫୁଲମୁଠୀ ଗ୍ରାମରେ ନବ ନିର୍ମିତ ମାଁ ମାହେଶ୍ୱରୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ସମ୍ପନ୍ନ ହୋଇଛି। ଦେବୀଙ୍କ ଦର୍ଶନ ପାଇଁ ଅସଂଖ୍ୟ ଶ୍ରଦ୍ଧାଳଙ୍କ ସମାଗମ ହୋଇଥିଲା। ରୀତିନୀତି ଅନୁଯାୟୀ ସକାଳେ ପୀଠରେ ଷୋଡ଼ଶ ଖମ୍ବ ପୂଜା, ତୋରଣ ପୂଜା, ମାହେଶ୍ୱରୀ ଦେବୀଙ୍କ ୧୦୮ ଉପଚାର ପୂଜା ସହ ହୋମ ଆହୁତି କରାଯାଇଥିଲା। ଧ୍ୱଜା ଓ କଳସ ଶିଖରେ ସ୍ଥାପନ ସହ ଜୁପ ମହାରାଜଙ୍କ ଐଶାନ୍ୟ ସ୍ଥାପନ ଓ ପୂଜା, ପୀଠ ପୂଜା, ବ୍ରହ୍ମଶିଳା, କୁର୍ମଶିଳା ସ୍ଥାପନ କରାଯାଇଥିଲା। ପରେ ପରେ ମାହେଶ୍ୱରୀ ଦେବୀଙ୍କୁ ରତ୍ନ ସିଂହାସନରେ ବିଜେ ପୁଷ୍ପାଞ୍ଜଳି ସହ ପୂର୍ଣ୍ଣାହୂତି ହୋଇଥିଲା। ଏଥିରେ ମୁଖ୍ୟ ଆଚାର୍ଯ୍ୟ ଭାବେ ବାସୁଦେବ ହୋତା, ସହଯୋଗୀ ପୂଜକ ଭାବେ ଅବିନାଶ ମିଶ୍ର, ଦାମୋଦର ନନ୍ଦ, ଦେବାନନ୍ଦ ହୋତା, ବିଷ୍ଣୁ ପଣ୍ଡା, ମୋହନ ଦେହେରୀ ଓ ମୁଖ୍ୟ କର୍ତ୍ତା ଭାବେ ବନ ବିହାରୀ ମହାକୁର ଓ ତାଙ୍କ ପତ୍ନୀ ମାଳତୀ ମହାକୁର, ନାମଯଜ୍ଞ କର୍ତ୍ତା ଭାବେ ରାଖାଲ ବରିହା ଓ ତାଙ୍କ ପତ୍ନୀ ସସ୍ମିତା ବରିହା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ବକ୍ତା ବିନୋଦ ସାହୁ (ଭଗବତ ବାବା) ଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ସହ ମଧ୍ୟାହ୍ନରେ ୨୪ ପ୍ରହର ନାମ ଯଜ୍ଞ ପୂର୍ଣ୍ଣାହୂତି ହୋଇଥିଲା। ଅପରାହ୍ନରେ ପୁଟୁରୁପାଲି ଗାୟିକା ଦଶମୀ ଭୋଇ ଓ ଭଟଗାଁ ସୁନୀତା ପୁଟେଲଙ୍କ ମଧ୍ୟରେ ବୈଠକୀ କୀର୍ତ୍ତନ୍ୟ ଅନୁଷ୍ଠିତ ହୋଇଥିଲା। ସେହିପରି ନୂତନ ମନ୍ଦିର ନିର୍ମାଣରେ ପ୍ରମୁଖ ଭୂମିକା ନିଭାଇ ଅନୁଦାନ ଦେଇଥିବା ପୂର୍ବତନ ବିଧାୟକ ପଦ୍ମନାଭ ବେହେରା ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଆସି ମାଁଙ୍କୁ ଦର୍ଶନ କରିଥିଲେ। ଦୀର୍ଘ ଏକ ସପ୍ତାହ ଧରି ଚାଲିଥିବା ଏହି ଆଧ୍ୟାତ୍ମିକ ତଥା ଭକ୍ତିମୟ କାର୍ଯ୍ୟକ୍ରମ ପରିଚାଳନାରେ ଫୁଲମୁଠୀ ଗ୍ରାମବାସୀଙ୍କ ସମେତ ଆଖ ପାଖ ଗ୍ରାମର ଲୋକେ ମଧ୍ୟ ବହୁମାତ୍ରାରେ ସାମିଲ ହୋଇ ସହଯୋଗ କରିଥିଲେ।

## ଆଶା, ଗାଁ କଲ୍ୟାଣ ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ




ବୌଦ୍ଧ, ୨୬ ।୨(ସମିସ): ବୌଦ୍ଧ ଟାଉନ ହଲ୍‌ରେ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ମୁଖ୍ୟ ଅତଥି ରୂପେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର ସାହୁ ଅଧକ୍ଷତା କରିଥିଲେ। ଏହି ଅବସରରେ ୪ ଆଶା, ୩ ଗାଁ କଲ୍ୟାଣ ସମିତି, ୫ ମହିଳା ଆରୋଗ୍ୟ ସମିତି ଓ ୩ ଉପକେନ୍ଦ୍ର ଜନ ଆରୋଗ୍ୟ ସମିତିକୁ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଗିରିଜା ପ୍ରସାଦ ମିଶ୍ର ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଞ୍ଚଳିକ ଅନୁସନ୍ଧାନ କମିଟି ସଦସ୍ୟଙ୍କ ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ ପରିଦର୍ଶନ



ବିନିକା, ୨୬ ।୨(ସମିସ): ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ମହାବିଦ୍ୟାଳୟ ଉନ୍ନୟନ ପରିଷଦ (ଆଞ୍ଚଳିକ ଅନୁସନ୍ଧାନ କମିଟି ସଦସ୍ୟ) ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ ପରିଦର୍ଶନ କରିଛି। ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ସହ ସିଦ୍ଧାର୍ଥ ଡିଗ୍ରୀ କଲେଜକୁ ସହ ବନ୍ଧିତ କରିବା ନେଇ କମିଟି ସଦସ୍ୟଙ୍କ ମୁଖ୍ୟ ଲକ୍ଷ୍ୟ ରହିଛି। କମିଟି ସଦସ୍ୟ ତଥା ବିଶ୍ୱବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପକ ଡ. ସୁଶାନ୍ତ ପଣ୍ଡା, ରସାୟନ ବିଜ୍ଞାନ ପ୍ରାଧ୍ୟାପକ ଚନ୍ଦ୍ରଶେଖର ପାତ୍ର, ଗଣେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ କଲେଜର ଭିତ୍ତିଭୂମିକ ଯାଞ୍ଚ କରି ଏହାର ବିକାଶ ଦିଗରେ ଆଲୋଚନା କରିଥିଲେ। ଏହି ଅବସରରେ କଲେଜ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର ନାୟକଙ୍କ ସହ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ତେଲିପାଲିରୁ ସୋଲାର ପ୍ଲେଟ୍ ଚୋରି ଅଭିଯୋଗ



ବୀରମହାରାଜପୁର, ୨୬ ।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା କେନଝିରିଆପାଲି ପଞ୍ଚାୟତର ତେଲିପାଲି ଗ୍ରାମର ଚାଷ ଜମିରେ ଲାଗିଥିବା ସୋଲାର ସିଷ୍ଟମରୁ ସୋଲାର ପ୍ଲେଟ୍ ସମେତ ଅନ୍ୟାନ୍ୟ ଉପକରଣ ଚୋରି ହୋଇଥିବା ଅଭିଯୋଗ ହୋଇଛି। ତେଲିପାଲି ଗ୍ରାମରେ ବବୃବାହନ ପ୍ରଧାନଙ୍କ ଚାଷ ଜମିରେ ସରକାରୀ ଯୋଜନା ଓରେଡା ମାଧ୍ୟମରେ ଏକ ସୋଲାର ସିଷ୍ଟମ ଲଗାଯାଇଛି। ରାତିରେ କେହି ସୋଲାର ପ୍ଲେଟ ସହ ଅନ୍ୟ କେତେକ ଉପକରଣ ଚୋରି କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ ହୋଇଛି।

ଫ୍ରେଣ୍ଡସ କ୍ଲବ୍ ୨୩ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଦ୍ୱିତୀୟ ଦିବସରେ ବଲାସିଙ୍ଗା ଓ ଗିରାସିଙ୍ଗା ବିଜୟୀ

ଜହ୍ନାପଙ୍କ, ୨୬ ।୨(ସମିସ)

ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତ ହାଇସ୍କୁଲ ଖେଳପଡ଼ିଆରେ ଫ୍ରେଣ୍ଡସ କ୍ଲବ୍ ପକ୍ଷରୁ ଚାଲିଥିବା ୨୩ତମ ମୁଣ୍ଡାପଡ଼ା ଫ୍ରେଣ୍ଡସ କ୍ଲବ୍ ଫୁଟବଲ୍ ପ୍ରତିଯୋଗିତା ଦ୍ୱିତୀୟ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୁଣ୍ଡାପଡ଼ା ମେଡିକାଲର ଫାର୍ମାସିଷ୍ଟ ଆକାଶ ଦାସ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ବଲାସିଙ୍ଗା ଓ ସାହାଜପାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେହି କାହାରିକୁ ଗୋଲ୍ ଦେଇ ପାରି ନ ଥିଲେ। ବଲାସିଙ୍ଗା ଦଳ ୪-୩ ଗୋଲ୍‌ରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଗିରାସିଙ୍ଗା ଓ ଦାନ୍ତପାଲି ମଧ୍ୟରେ ଅନୁଷ୍ଠିତ



ହୋଇଥିଲା। ଏଥିରେ ଗିରାସିଙ୍ଗା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ରେଫରୀ ଭାବେ ମୁଣ୍ଡାପଡ଼ା ଉଚ୍ଚ ବିଦ୍ୟକ୍ଷଳୟର ଖେଳ ଶିକ୍ଷକ ଅମରେଶ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ରଞ୍ଜନ ପଟ୍ଟନାୟକ, ବେଳାରସେନ ନାୟକ, ପ୍ରହ୍ଲାଦ ଭୋକ୍ତା, ତାପସ ନାଏକ ପ୍ରମୁଖ ସହଯୋଗ କରିଥିଲେ। ନିରଞ୍ଜନ ବଗର୍ତ୍ତୀ ଧାରାବିବରଣୀ ପ୍ରଦାନ କରିଥଲେ।

## ମା’ ମାଉଲି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ: ସେମିରେ ଅମରପାଲି

ବୀରମହାରାଜପୁର, ୨୬ ।୨(ସମିସ): ଖଣ୍ଡହତା ପଞ୍ଚାୟତର ଜନକପୁର ଗ୍ରାମ ଖେଳ ପଡ଼ିଆରେ ଗୁରୁବାର ମା’ ମାଉଲି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ଖଣ୍ଡହତା ଓ ବଡକିରାସିରା ମଧ୍ୟରେ ହୋଇଥଲା। ଏଥିରେ ବଡକିରାସିରା ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଅମରପାଲି ଓ ମୁର୍ଖୁଣ୍ଡି ମଧ୍ୟରେ ହୋଇଥିଲା। ଏଥିରେ ଅମରପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୧୧୦ ରନ୍ କରିଥିଲା। ଜବାବରେ ମୁର୍ଖୁଣ୍ଡି ଦଳ ନିର୍ଦ୍ଧାରିତ ୮ ଓଭରରେ ୮ ଉଇକେଟ ହରାଇ ୮୮ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ପ୍ରଥମ ମ୍ୟାଚର ବିଜେତା ବଡ଼କିରାସିରା ଓ ଦ୍ୱିତୀୟ ମ୍ୟାଚର ବିଜେତା ଅମରପାଲି ମଧ୍ୟରେ ତୃତୀୟ ମ୍ୟାଚ୍ ହୋଇଥିଲା। ଏଥିରେ ଅମରପାଲି ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ଅମରପାଲି ପ୍ରଥମେ ବ୍ୟାଟିଂ ନିର୍ଦ୍ଧାରିତ ୪ ଓଭରରେ ୩ ଉଇକେଟ ହରାଇ ୪୮ ରନ୍ ସଂଗ୍ରହ କରିଥିଲା। ଜବାବରେ ବଡ଼କିରାସିରା ଦଳ ନିର୍ଦ୍ଧାରିତ ୪ ଓଭରରେ ୪ ଉଇକେଟ ହରାଇ ୩୦ ରନ୍ କରି ପରାସ୍ତ ହୋଇଥିଲା; ଫଳରେ ଅମରପାଲି ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ



କରିଛି। ଅମରପାଲିର ସ୍ୱାଧୀନ କମିଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଛି।

